**07 July 2006**

***4004 Incorporated India to become multinational procurement major***

*Publication: Pragativadi, Edition: Bhubaneswar, Journalist: Bureau, Page No: 2, Columns: 2, Height(cms): 6*

# ୪୦୦୪ ଇନ୍‌କର୍ପୋରେଟେଡ୍ ଇଣ୍ଡିଆର ସମ୍ପ୍ରସାରଣ ଯୋଜନା

**ଭୁବନେଶ୍ୱର, ତା୬।୭ (ପିଏନ୍‌ଏସ୍):** ଅନ୍ତରାଷ୍ଟ୍ରୀୟ କମ୍ପାନୀ ୪୦୦୪ ଇନ୍‌କର୍ପୋରେଟେଡ୍ ଇଣ୍ଡିଆ ପକ୍ଷରୁ ବ୍ୟାପକ ସମ୍ପ୍ରସାରଣ ଯୋଜନା ଚୂଡ଼ାନ୍ତ କରାଯାଇଛି । ଏହି କମ୍ପାନୀ ୨୦୦୬ ଡିସେମ୍ବର ସୁଦ୍ଧା ନିଜର ବ୍ୟବସାୟ ଭିତ୍ତିରେ ୩୦% ବୃଦ୍ଧି ପାଇଁ ଯୋଜନା କରିଛି । ୪୦୦୪ ଇନ୍‌କର୍ପୋରେଟେଡ୍ ବିଭିନ୍ନ ଧରଣର ପୋଷାକ, ଜୋତା, ବ୍ୟାଗ୍, ବେଲ୍ ଆଦି ସାମଗ୍ରୀ ସଂଗ୍ରହ କରିଥାଏ । କମ୍ପାନୀ ଭାରତରୁ ବାର୍ଷିକ ପ୍ରାୟ ୨୦ ନିୟୁତ ୟୁନିଟ୍ ସଂଗ୍ରହ କରୁଥିବାବେଳେ ଏହାର ଅର୍ଦ୍ଧେକ ଦକ୍ଷିଣ ଭାରତରୁ ଓ ଅବଶିଷ୍ଟ ଲୁଧିଆନା, ଦିଲ୍ଲୀ, ମୁମ୍ବାଇରୁ ସଂଗ୍ରହ କରିଥାଏ । ଗତବର୍ଷ କମ୍ପାନୀ ନିଜର କ୍ରୟ କ୍ଷମତାରେ ୨୫% ଅଭିବୃଦ୍ଧି ହାସଲ କରିଥିଲା । ଆସନ୍ତା ୨ ବର୍ଷରେ କମ୍ପାନୀ ନିଜର କ୍ରୟ ପୋର୍ଟଫୋଲିଓରେ ୮ଟି ନୂଆ ସାମଗ୍ରୀ ଯଥା ଲାଇଫ୍‌ଷ୍ଟାଇଲ୍ ଉତ୍ପାଦ, ଶୀତପରିଧାନ, ଇଲେକ୍‌ଟ୍ରୋନିକ୍ ଉତ୍ପାଦ, କସ୍‌ମେଟିକ୍ସ, ସାଜସଜ୍ଜା ଉତ୍ପାଦ, ଘଣ୍ଟା, ସନଗ୍ଲାସ୍, ମହିଳା ଅନ୍ତଃବସ୍ତ୍ର ଯୋଗ କରିବ ।